# Akashvani, Sambalpur

## SAMBALPURI NEWS EVENING BULLETIN

## 6 October 2023- 7.02 pm- 7.12 pm.

**********************************************

### ମୁଖିଆ ଖବର୍

୧- ମାଓବାଦୀ ଦମନ୍ ଲାଗି ରାଜ୍ୟମାନ୍‌କୁ ସବୁ ସାହାଜ୍ ଯୁଗେଇ ଦିଆଯିବା- କହେଲେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ।

୨- ଶ୍ରୀମନ୍ଦିର୍ ପରିକ୍ରମା ପ୍ରକଳ୍ପକେ ଆଏବା ଡିସେମ୍ବର୍‌ତକ୍ ସାର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ।

୩- ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଦେବୀ ପୀଠ ମାନ୍‌କେ ମୁଲ୍ ହେଲା ଷୋଡଷ ଉପଚାର୍ ପୂଜା ।

ଆଉର୍

୪- ଏସୀୟ କ୍ରୀଡ଼ାଥି ଭାରତୀୟ ପୁରୁଷ ହକି ଟିମ୍ ଜିତ୍‌ଲା ସ୍ୱର୍ଣ୍ଣପଦକ୍ ।

ଅମିତ୍ ଶାହା - ମାଓବାଦୀ ନିୟନ୍ତ୍ରଣ୍ ମିଟିଂ ସିଏମ୍‌ଓ

ଓଡ଼ିଶା ନ ମାଓବାଦୀ ଦମନ୍ କାର୍ଯ୍ୟକଳାପ ଉପ୍ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସନ୍ତୋଷ୍ ପ୍ରକାଶ୍ କରିଛନ୍ । ଆଏଜ୍ ନୂଆଦିଲ୍ଲୀ ଠାନେ ମାଓବାଦୀ ଦମନ୍ ବାବଦ୍ର ଜାତୀୟ ବୈଠକ୍ଥି ଅଧ୍ୟକ୍ଷତା କରିକରି ଶ୍ରୀ ଶାହା ରାଜ୍ୟ ସର୍କାର୍ ମାନ୍କୁ ମାଓବାଦୀ ମୂଳ୍ପୋଛ୍ ଲାଗି ସବୁ ପ୍ରକାରର୍ ସାହାଜ୍ ଯୁଗେଇ ଦିଆଯିବା ବଲି କହିଛନ୍ ।

ବୈଠକ୍ଥି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ଙ୍କର୍ ତର୍ଫୁ ଓଡ଼ିଶା ଅର୍ଥମନ୍ତ୍ରୀ ବିକ୍ରମ୍ କେଶରୀ ଆରୁଖ୍ ଯୋଗ୍ ଦେଇଥିଲେ । ଇତାର୍ସାଙ୍ଗେ  ମାଓବାଦୀର ମୁକାବିଲା ଲାଗି ଓଡ଼ିଶାର୍ ସଫଲତା ବାବ୍ଦେ ମନ୍ତ୍ରୀ ସୂଚ୍ନା ଦେଇଥିଲେ । ସେ କହିଥିଲେ ଯେ, ରାଜ୍ୟ ସର୍କାର୍ଙ୍କର୍ ଜନକୈନ୍ଦ୍ରିକ୍ ନୀତି ଆଉ ବିକାଶ୍ ମୂଳକ୍ ପଦକ୍ଷେପ୍ ଲାଗି ଅଧିକାଂଶ ପ୍ରଭାବିତ ଇଲାକା ନ ଥିତି ବଦ୍ଲିଛେ । ମାଓବାଦୀ ପ୍ରଭାବିତ୍ ୨୧ ଟା ଜିଲ୍ଲା ଭିତ୍ରୁ ୧୦ ଟା ଜିଲ୍ଲାର୍ କିଛି ଇଲାକା ନ ସିମିତ୍ ରହିଛେ ।  ଇ ଦିଗେ କେନ୍ଦ୍ର ସର୍କାର୍ଙ୍କର୍ ସାହାଜ୍ ଲାଗି ସେ ଧନ୍ୟବାଦ୍ ଜନେଇକରି କହିଛନ୍ ଯେ, ଭିନ୍ ଭିନ୍ ମୋବାଇଲ୍ ସଂଯୋଗ୍ ଯୋଜ୍ନାଥି ମୋବାଇଲ୍ ଟାୱାର୍ ବସାବାର୍କେ ତୁର୍ତି କର୍ବାର୍, ସେନାର ଯାତାୟତ ଆର୍ ପୋଷ୍ଟର ରକ୍ଷଣାବେକ୍ଷଣ୍ ଆର୍ ସଂଘର୍ଷ ବାଗିର୍ ଜରୁରୀ

ଥିତିର୍ ମୁକାବିଲା ଲାଗି ହେଲିକେପ୍ଟର୍ ଦେବାର୍‌କେ ଦାବି କରିଥିଲେ । ବୈଠକ୍‌ଥି ଓଡ଼ିଶାର୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା, ପୁଲିସ୍ ମହାନିର୍ଦ୍ଦେଶକ୍ ସୁନୀଲ୍ କୁମାର୍ ବଂଶଲ୍ ଯୋଗ୍ ଦେଇଥିଲେ ।

ଆର୍.ବି.ଆଇ. -ରେପୋରେଟ୍ ଆର୍‌ଏନ୍‌ୟୁ କଟକ୍

ରେପୋରେଟ୍‌କେ ୬ ଦଶ୍‌ମିକ୍ ୫ ପ୍ରତିଶତ୍‌ଥି ଅପରିବର୍ତ୍ତିତ୍ ରଖ୍‌ବାର୍‌କେ ମୁଦ୍ରାନୀତି କମିଟି ତର୍‌ଫୁ ନିଷ୍ପତି ନିଆଯାଇଛେ ବଲି ଭାରତୀୟ ରିଜର୍ଭ ବେଙ୍କ୍-ଆର୍.ବି.ଆଇ.ର ଗଭର୍ଣ୍ଣର୍ ଶକ୍ତିକାନ୍ତ ଦାସ କହିଛନ୍ । ରିଜର୍ଭ ବେଙ୍କ୍ ତର୍‌ଫୁ ଜାରି ବିଜ୍ଞପ୍ତି ଅନ୍‌ସାରେ ସାମ୍ପ୍ରତିକ୍, ଅର୍ଥନୈତିକ ଆଉ ଆର୍ଥିକ୍ ଥିତିକେ ବିଚାର୍‌କେ ନେଇକରି ରେପୋରେଟ୍‌କେ ନାଇଁ ବଦ୍‌ଲାବାର୍ ଲାଗି ନିଷ୍ପତି ନିଆଯାଇଛେ । ହେନ୍ତା ରିୟଲ୍ ଜିଡିପି ଅଭିବୃଦ୍ଧି ହାର ୨୦୨୩-୨୪ ଆର୍ଥିକ୍ ବଛର୍ ଲାଗି ୬ ଦଶ୍‌ମିକ୍ ୫ ପ୍ରତିଶତ୍ ରଖାଯାଇଛେ ବଲି ରିଜର୍ଭ ବେଙ୍କ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନୋବେଲ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଇରାନ୍‌ର ନର୍‌ଗିସ୍ ମହମ୍ମଦି ୨୦୨୩ ବଛର୍‌ର ନୋବେଲ୍ ଶାନ୍ତି ପୁରସ୍କାର୍ ପାଏବେ । ଇରାନ୍ ନ ମହିଲାମାନ୍‌କର୍ ଉପ୍‌ରେ ହେଉଥିବା ନିର୍ଯ୍ୟାତନାର୍ ବିରୋଧ୍ ନ ଆଉ ସମ୍‌କର୍ ଲାଗି ମୁକ୍ତି ଆର୍ ମାନବାଧିକାର୍‌କେ ତହଁକାବାର୍ ଅଭିଯାନ୍ ଲାଗି ତାଙ୍କୁ ନୋବେଲ୍ ପୁରସ୍କାର୍ ଦେବାର୍‌କେ ଆଏଜ୍ ନର୍‌ୱେର ରାଜ୍‌ଧାନୀ ଓସ୍ଲୋ ଠାନେ ଘୋଷ୍‌ନା କରାଯାଇଛେ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆର୍‌ଏନ୍‌ୟୁ କଟକ୍

ଶ୍ରୀମନ୍ଦିର୍ ପରିକ୍ରମା ପ୍ରକଳ୍ପର୍ କାମ୍ ଆଏବା ଡିସେମ୍ବର୍ ମାସ୍‌ତକ୍ ସାର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ନିର୍ଦ୍ଦେଶ୍ ଦେଇଛନ୍ । ଫାଇଭ୍-ଟି ସଚିବ ଭି.କେ. ପାଣ୍ଡିଆନ୍ ଆଏଜ୍ ପୁରୀ ନ ଶ୍ରୀଜଗନ୍ନାଥ ପରିକଳ୍ପନାର୍ କାର୍ଯ୍ୟ ସମୀକ୍ଷା କରିଛନ୍ । ଶ୍ରୀକ୍ଷେତ୍ରକେ ଆସୁଥିବାର୍ ଯାତ୍ରୀ ଆଉ ସେବାୟତ୍‌ମାନ୍‌କର୍ ୨ ଚକିଆ ଗାଡ଼ି ପାର୍କିଂ ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କର୍‌ବାର୍, ଶ୍ରୀମନ୍ଦିର୍ ଚାର୍‌ହିକୁତି ରାସ୍ତାକେ ଚଉଡ଼ା କର୍‌ବାର୍ ମଠ ପୁର୍ନବିକାଶ କାର୍ଯ୍ୟଥି ଐତିହ୍ୟ ଆଉ ଇତିହାସ୍‌କେ ନଜର୍‌ଥି ରଖ୍‌ବାର୍ ଲାଗି ସେ ଅଧିକାରୀମାନ୍‌କୁ କହିଥିଲେ । ଫାଇଭ୍-ଟି ସଚିବ ଶ୍ରୀସେତୁ ପ୍ରକଳ୍ପର୍ ଭିଲ୍ ସମୀକ୍ଷା

କରିଥିଲେ । ଧାରିଜ୍ ସମିଆ ଭିତ୍‌ରେ ଶ୍ରୀ ସେତୁ ପ୍ରକଳ୍ପ କାର୍ଯ୍ୟକ୍ଷମ୍ ହେଲେ ନୂଆଁ ବର୍ଷଥି ଭକ୍ତମାନେ ବଢ଼ିଆଁ ଅନୁଭୂତି ପାଏବେ ବଲି ସେ କହିଥିଲେ ।

ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ୍ ନିରୀକ୍ଷଣ୍      ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ତୃଣମୂଳ ସ୍ତର୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର କାର୍ଯ୍ୟକାରିତା ଆଉ ଅନୁଧ୍ୟାନ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ବିଭାଗ୍‌ର ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ୍ ସବୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀ, ରାଉର୍‌କେଲା ସର୍‌କାରୀ ଡାକ୍ତର୍‌ଖାନା ଆଉ କେପିଟାଲ୍ ହସ୍ପିଟାଲ୍‌ର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ । ସ୍ୱାସ୍ଥ୍ୟସେବା ବାବ୍‌ଦର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌କେ ଲୁକ୍‌କର୍ ପାଖେ ପୁହୁଁଚାବାର୍ ଲାଗି ତଲ୍‌ସ୍ତର୍ ନ ନିରୀକ୍ଷଣ୍ କର୍‌ବାର୍ ଲାଗି, ଆଉ ଦର୍‌କାର୍ ପଡ୍‌ଲେ ଗାଡ଼ି ଭଡ଼ା କର୍‌ବାର୍ ଆଉ ଅଲ୍‌ଗା ବ୍ୟବସ୍ଥା କର୍‌ବାର୍‌କେ ଭିଲ୍ ସେ ଚିଠିଥି ଲେଖିଛନ୍ । ଜିଲ୍ଲାସ୍ତର୍ ହସ୍ପିଟାଲ୍ ଲାଗି ଜୁଡ଼େ, ସବ୍-ଡିଭିଜନ୍‌ସ୍ତର୍‌ର ହସ୍ପିଟାଲ୍ ଲାଗି ଗୁଟେ ଆଉ ରାଉର୍‌କେଲା କେପିଟାଲ୍ ହସ୍ପିଟାଲ୍ ଲାଗି ଗୁଟେ ଲେଖା ଗାଡ଼ି ଭଡ଼ାଥି ଆନିକରି

କାର୍ଯ୍ୟକ୍ରମ୍ ନିରୀକ୍ଷଣ୍ କରାଯାଇପାର୍‌ବା ବଲି ସେ କହିଛନ୍ ।

ପାରାକ୍ୱେଟ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଘାସ୍ ମାର୍‌ବାର୍ ଲାଗି ବେଭାର୍ ହେଉଥିବା ପାରାକ୍ୱେଟ୍‌ର ବେଭାର୍, ବିକ୍ରି, ମହଜୁଦ୍ ରଖିବାର୍ ଆଉ ଉତ୍ପାଦନ୍‌କେ ଗଲାକାଏଲ୍‌ନୁ ରାଜ୍ୟସର୍‌କାର୍ ନିଷିଦ୍ଧ ଘୋଷ୍‌ନା କରିଛନ୍ । ମୋ ସର୍‌କାର୍ ବ୍ୟବସ୍ଥାକେ ଲୁକ୍‌କର୍ ତର୍‌ଫୁ ଆସିଥିବା ପ୍ରସ୍ତାବ୍ ଆଧାର୍‌ଥି ବିଶେଷଜ୍ଞମାନ୍‌କର୍ ମତାମତ ନିଆଯାଇଥିଲା । ଇ ମତାମତ୍ ଅନ୍‌ସାରେ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୀଟନାଶକ୍ ଅଧିନିୟମ୍ ୧୯୬୮ ଅନ୍‌ସାରେ ପାରାକ୍ୱେଟ୍ ଉପ୍‌ରେ ନିଷେଧାଦେଶ୍ ଜାରି କରାଯାଇଥିବାର୍ ଜନାପଡ଼ିଛେ ।

ଷୋଡ଼ଶ ପୂଜା ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ପୀଠ ସମ୍‌ଲେଇ ଗୁଡ଼ିନ ଆଏଜ୍‌ଠାନୁ ଷୋଡ଼ଷ ଉପଚାର୍ ପୂଜା ମୁଲ୍ ହେଇଛେ । ୧୪ ତାରିଖ୍ ଦିନ ମହାଳୟା ଅବ୍‌ସରେ ମା

ସମଲେଶ୍ୱରୀ ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦେବେ । ସେଦିନୁ ମାଙ୍କର୍ ପୀଠ ନ ଶାରଦୀୟ ନବରାତ୍ରୀ ପୂଜା ମୁଲ୍ ହେବା । ଆଏବା ୨୦ ତାରିଖ୍ ଦିନ ସମଲେଶ୍ୱରୀଙ୍କର୍ ପୀଠ ନ ମହାସପ୍ତମୀ ସାଙ୍ଗେ ୩ ଦିନିଆ ଜାଗର ଦୀପ ଜଲାଯିବା । ୨୪ ତାରିଖ୍ ମଙ୍ଗଲ୍‌ବାର୍ ଦିନ ଦଶ୍‌ରା ଆଉ ୨୮ ତାରିଖ୍ ଦିନ ଦଶ୍‌ରାପୁନିଥି ମାଙ୍କର୍ ରାଜରାଜେଶ୍ୱରୀ ବେଶ ହେବା ।

ହେନ୍ତା କଲାହାଣ୍ଡି ଜିଲ୍ଲା ଜୁନାଗଡ଼୍ ଠାନେ ମା ଲଙ୍କେଶ୍ୱରୀଙ୍କର୍ ଖଣ୍ଡାବସା ପର୍ବ ଲାଗି ଆଧ୍ୟାତ୍ମିକ୍ ପରିବେଶ୍ ସୃଷ୍ଟି ହେଇଛେ । ପୀଠକେ ରଙ୍ଗୀନ୍ ଆଲୋକମାଳାଥି ସଜାଯାଇଛେ ।

ସେନ୍ତା ବୌଦ୍ଧ ଜିଲ୍ଲାର୍ ପୁରୁଣାକଟକ୍‌ର ମାଁ ଭୈରବୀଙ୍କର୍ ପୀଠ ନ ଆଏଜ୍‌ଠାନୁ ଷୁଲ୍‌ହପୂଜା ମୁଲ୍ ହେଇଛେ । ଦେବୀଙ୍କର୍ ଖଣ୍ଡା ଆର୍ ପ୍ରତିମାଙ୍କୁ ମୁଖ୍ୟ ପୂଜକଙ୍କର୍ ଘରୁ ପଟୁଆର୍‌ଥି ମନ୍ଦିର୍‌କେ ପୁହୁଁଚାଯାଇଥିଲା । ଇ ଷୁଲ୍‌ହପୂଜା ସମିଆଥି ଭକତ୍‌ମାନ୍‌କର୍ ଲାଗି ମାଁଙ୍କର୍ ଦର୍ଶନ୍ ବନ୍ଦ୍ ରହେବା । ଇ ସମିଆଥି ଭକ୍ତମାନେ ନିଜର୍ ମନସ୍କାମନା ଲାଗି ମାଁଙ୍କର୍ ମନ୍ଦିର୍ ବାହାରେ ପୂଜା ଅର୍ଚ୍ଚନା କର୍‌ସନ୍ । ଜିଲ୍ଲାର୍ ବାମଣ୍ଡା, ବଉଲ୍‌ସିଂହା, ବିଲାସ୍‌ପୁର୍, ଭାଲିଆପଦର୍ ଠାନେ ଥିବା ମା ମାହେଶ୍ୱରୀଙ୍କର୍ ପୀଠ ନ ଭିଲ୍ ଷୁଲ୍‌ହପୂଜା ମୁଲ୍ ହେଇଛେ ।

ପୁଓଜିଉଁତିଆ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ କରିଛନ୍ । ପୁଓ ମାନ୍କର୍ ମଙ୍ଗଲ୍କାମ୍ନା କରିକରି ମା ମାନେ ନିର୍ଜଳା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା କରୁଛନ୍ । ଆଏବା କାଏଲ୍ ସଖାଲେ ନଦୀ, ବନ୍ଧେ ଗାଧିଲା ଉତ୍ରୁ ଘରେ ପୁଓ ମାନ୍କୁ ଶହେ ୮ ଦୁବ ବନ୍ଧେଇକରି ଜୁଁତିଆ ପିନ୍ଧାବେ । ପୂଜା ଲାଗି ପଶ୍ଚିମ ଓଡ଼ିଶାର୍ ଗାଁ ସହର୍ ସବୁଆଡ଼େ ଉସ୍ନାକି ଦେଖିବାର୍କେ ମିଲିଛେ ।

ସ୍କ୍ରବ୍ ଟାଇଫସ୍ ଆର୍ଏନ୍ୟୁ କଟକ୍

ସୁନ୍ଦର୍ଗଡ଼୍ ଜିଲ୍ଲା ନ ଆଉ ୨୫ ଝନ୍ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ୍ ହେଇଛନ୍ । ଗଲାକାଏଲ୍ ପରୀକ୍ଷା କରାଯାଇଥିବା ଶହେ ୮ ଟା ନମୁନା ଭିତ୍ରୁ ୨୫ ଟା ନମୁନା ପଜିଟିଭ୍ ଆସିଛେ । ଇତାକେ ମିଶେଇକରି ସୁନ୍ଦର୍ଗଡ଼୍ ଜିଲ୍ଲା ନ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କର୍ ସଂଖ୍ୟା ୩ ଶହ ୫୫ ଥି ପୁହୁଁଚିଛେ । ହେଲେ ଜିଲ୍ଲା ନ ପର୍ଯ୍ୟାପ୍ତ ଉଷୋ ମହଜୁଦ୍ ଅଛେ ଆଉ ଚିକିତ୍ସାର୍ ଲାଗି ସ୍ୱତନ୍ତ୍ର ଡାକ୍ତରୀ ଦଲ୍ ଗଠନ୍ କରାଯାଇଛେ । ରୋଗ୍ ବାବ୍ଦେ ଗାଁ ଗାଁ ନ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସଚେତନ୍

କରାଯାଉଛେ । ଇ ବଛର୍ ନମୁନା ପରୀକ୍ଷା ବଢ଼ିଥିବାର୍‌ନୁ ସଂକ୍ରମିତଙ୍କର୍ ସଂଖ୍ୟା ଅଏତ୍‌କା ରହୁଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନିରଞ୍ଜନ୍ ମିଶ୍ର କହିଛନ୍ ।

ମୋ ମାଟି ମୋ ଦେଶ          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ମଦନ୍‌ପୁର୍ ରାମ୍‌ପୁର୍ ବ୍ଲକ୍‌ର ଉର୍ଲାଦାନୀ ଠାନେ ଆଏଜ୍ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ୍‌ଥି କଲସ୍ ଯାତ୍ରା ସହେତେ ମାଟି ସଂଗ୍ରହ କରାଯାଇଥିଲା । କଲସ୍ ଯାତ୍ରା ମଦନ୍‌ପୁର୍ ରାମ୍‌ପୁର୍‌ନୁ ଭବାନୀପାଟ୍‌ନା ଗଲାବେଲେ ବାଟେ ବହୁତ୍‌ଟେ ଜାଗା ନ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମ୍‌ଥି ବିଜେପି ରାଜ୍ୟସଭାପତି ମନ୍‌ମୋହନ୍ ସାମଲ୍ ଉପସ୍ଥିତ୍ ଥିଲେ । ହେନ୍ତା ଭବାନୀପାଟ୍‌ନା ଟାଉନ୍‌ହଲ୍‌ଠାନେ ସାଂସଦ୍ ବସନ୍ତ ପଣ୍ଡା ଆଉ ଅଲ୍‌ଗା ସିଆନ୍ ସୁଜନ୍‌ମାନେ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଥିଲେ ।

ଜାତୀୟ ସିଆର୍‌ପିଏଫ୍ କ୍ରୀଡ଼ା          ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲପୁର୍ ଜିଲ୍ଲା ଗୋଶାଲା ଠାନେ ଥିବା ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ର ତର୍‌ଫୁ ୨୪ ନମ୍ବର୍ ଆନ୍ତଃସେକ୍ଟର୍ କ୍ରୀଡ଼ା

ପ୍ରତିଯୋଗିତାକେ ଜିଲ୍ଲାପାଲ୍ ଅନନ୍ୟା ଦାସ ଉଦ୍‌ଘାଟନ୍ କରିଛନ୍ । ଇଥି ଦେଶର୍ ଭିନ୍ ଭିନ୍ ଜାଗାର୍ ୨୧ ଟା ସେକ୍ଟର୍‌ନୁ ୩ ଶହ ୮୯ ଝନ୍ ପ୍ରତିଯୋଗୀ ଅଂଶଗ୍ରହଣ୍ କରିଛନ୍ । ପ୍ରତିଯୋଗିତା ଆଏବା କାଏଲ୍ ଉଦ୍‌ଯାପିତ୍ ହେବା ।

ତମାଖୁ ବର୍ଜନ୍- ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ୩୦ ଟା ଶିକ୍ଷାନୁଷ୍ଠାନ୍ ଆଉ ୬୯ ଟା ଗାଁକେ ତମାଖୁ ମୁକ୍ତ କର୍‌ବାର୍ ଲାଗି ଜିଲ୍ଲା ପରିଷଦ୍ ସଭାଗୃହ ନ ଗୁଟେ ବୈଠକ୍‌ଥି ଥିର୍ କରାଯାଇଛେ । ଇଥି ଜିଲ୍ଲାପାଲ୍ ନୃସିଂହଚରଣ୍ ସାହୁ ତମାଖୁମୁକ୍ତ କରାଯିବାର୍ ନିଷ୍ପତିକେ କାର୍ଯ୍ୟକାରୀ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟକୃଷ୍ଣ ମିଶ୍ର ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମିଲେଟ୍ ମିଶନ୍- ବର୍‌ଗଡ଼୍, ବଲାଙ୍ଗିର୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଓଡ଼ିଶା ମିଲେଟ୍ ମିଶନ୍ ଜରିଏ ବର୍‌ଗଡ଼୍ ଟାଉନ୍ ହଲ୍ ଠାନେ ମିଲେଟ୍

ଖାଦ୍ୟ ପ୍ରତିଯୋଗିତା କରାଯାଇଥିଲା । ଇଥି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସାମିଲ୍ ହେଇକରି ମଡ଼ିଆନୁ ଶହେ ୧୦ ପ୍ରକାରର୍ ଖାଦ୍ୟ ପ୍ରସ୍ତୁତ୍ କରିଥିଲେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ମନୀଷା ବାନାର୍ଜୀ ଉଦ୍‌ଘାଟନ୍ କରିକରି ପ୍ରତିଯୋଗିତାର୍ କୃତି ମହିଳାମାନ୍‌କୁ ପୁରସ୍କାର୍ ଦେଇଥିଲେ ।

ହେନ୍ତା ଆନ୍ତର୍ଜାତୀୟ ମିଲେଟ୍ ବର୍ଷ ଉଲ୍‌ଗୁନେ ବଲାଙ୍ଗିର୍ ଠାନେ ଜିଲ୍ଲାର୍ ୭ ଟା ବ୍ଲକ୍‌ର ମହିଳାମାନ୍‌କୁ ନେଇକରି ମିଲେଟ୍ ଖାଦ୍ୟ ପ୍ରତିଯୋଗିତା କରାଯାଇଥିଲା । ରାଜ୍ୟ ହୋଟେଲ୍ ପରିଚାଳନା ସଂସ୍ଥା ପରିଚାଲନାଥି ମହିଳାମାନେ ମିଲେଟ୍‌ନୁ ଅଲ୍‌ଗା ଅଲ୍‌ଗା ଖାଏବାର୍ ଦରବ୍ ତିଆର୍ କରିଥିଲେ ।

ଏସୀଆନ୍ ଗେମ୍ସ- ହକି- ସ୍ୱର୍ଣ୍ଣ ଆର୍‌ଏନ୍‌ୟୁ ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍‌ଝୌ ଠାନେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାର୍ ହକିଥି ଭାରତୀୟ ପୁରୁଷ ହକି ଦଲ୍ ସ୍ୱର୍ଣ୍ଣପଦକ ହାସଲ୍ କରିଛନ୍ । ଆଏଜ୍ ହେଇଥିବା ଫାଇନାଲ୍ ଖେଲ୍‌ଥି ଭାରତୀୟ ଏକାଦଶ-ଜାପାନ୍‌କେ ୫-୧ ଗୋଲ୍‌ଥି ହରେଇଛନ୍ । ଭାରତ୍ ତର୍‌ଫୁ ଅଧିନାୟକ୍ ହର୍‌ମନ୍‌ପ୍ରିତ୍ ସିଂ ୨ ଟା, ଅମିତ୍ ରୋହିଦାସ, ମନ୍‌ପ୍ରିତ୍ ସିଂ, ଅଭିଷେକ୍ ଗୁଟେ ଲେଖା ଗୋଲ୍ ସ୍କୋର୍ କରିଥିଲେ । ଏସୀୟ କ୍ରୀଡ଼ାଥି

ସ୍ୱର୍ଣ୍ଣପଦକ୍ ହାସଲ୍ କର୍‌ବାର୍ ଉତ୍‌ରୁ ଭାରତୀୟ ପୁରୁଷ ହକି ଦଲ୍ ସିଧାସଲଖ୍ ପେରିସ୍ ଅଲମ୍ପିକ୍‌ଥି ଖେଲ୍‌ବାର୍ ଲାଗି ଯୋଗ୍ୟତା ହାସଲ୍ କରିଛେ ।

ସଂକଳ୍ପ ସପ୍ତାହ - ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଆକାଂକ୍ଷା ବ୍ଲକ୍ ବୋଡ଼େନ୍‌ର ବୋଇର୍‌ଗାଁ ପଂଚାୟତ୍ ଅନ୍ତର୍ଗତ ଖଡ୍ଡୁପାଣି ଠାନେ ଆଏଜ୍ ସଂକଳ୍ପ ସପ୍ତାହ ପାଲନ୍ କରାଯାଇଥିଲା । ଇଥି ପ୍ରଧାନ୍‌ମନ୍ତ୍ରୀ କିଷାନ୍‌ନିଧି ଯୋଜ୍‌ନା, ପ୍ରାଣୀସମ୍ପଦ୍ ବିକାଶ୍ ଯୋଜ୍‌ନା ବାଗିର୍ କେନ୍ଦ୍ର ସର୍‌କାର୍‌ଙ୍କର୍ କୃଷି ଉନ୍ନତି ବାବଦ୍‌ର ଯୋଜ୍‌ନା ମାନ୍‌କର୍ ଉପ୍‌ରେ ଚାଷୀମାନ୍‌କୁ ସଚେତନ୍ କରାଯାଇଥିଲା । ଇ ଉଲ୍‌ଗୁନେ ଭିନ୍ ଭିନ୍ ଶସ୍ୟନୁ ଉତ୍ପାଦିତ ଦ୍ରବ୍ୟର୍ ପ୍ରଦର୍ଶନୀଥି ଚାଷୀମାନେ ସାମିଲ୍ ହେଇଥିଲେ ।